ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨ ନଭେମ୍ବର, ୨୦୨୧



**ଘରୁ ସୁନା ଅଳଙ୍କାର ଚୋରି**

ନାଉଗାଁ,(ସ୍ୱ.ପ୍ର): ନାଉଗାଁ ଥାନା ଅନ୍ତର୍ଗତ ଶୁଦ୍ଧକଣ୍ଠି (ପାଳସାହି) ଗ୍ରାମର ପ୍ରଦୀପ୍ତ ବସ୍ତିଆ ଓ ବିଶ୍ୱଜିତ ବସ୍ତିଆଙ୍କ ଘରୁ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଘରେ ଥିବା ସୁନା ଗହଣା ସମେତ ଏୟାର କଣ୍ଡିସନ ,ଦାମୀ ଶାଢ଼ି ଓ କଂସା ବାସନ ଆଦି ଚୋରି କରି ନେଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବା ପରେ ମାମଲା (ନଂ. ୧୨୧/୨୧) ରୁଜୁ କରାଯାଇଛି। ପୋଲିସ ସନ୍ଧାନୀ କୁକୁର ଓ ଫୋରେନ୍ସିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ଅଭୟ ବେହେରା ପ୍ରକାଶ କରିଛନ୍ତି।

# ପର୍ଯ୍ୟଟକଙ୍କ ପାଇଁ ହବାଲିଖଟି ଖୋଲିଲା

ରାଜନଗର, ୧।୧୧(ଡି.ଏନ.ଏ.)

ସମୁଦ୍ରକୂଳରେ ଥିବା ହବାଲିଖଟି ପର୍ଯ୍ୟଟନସ୍ଥଳ ସୋମବାରଠାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିଛି। ୟାସ୍ ବାତ୍ୟାରେ କ୍ଷତିଗ୍ରସ୍ତ ହେବା ପରେ ହବାଲିଖଟି ଦେଶ ବିଦେଶର ପର୍ଯ୍ୟଟକମାନଙ୍କ ପାଇଁ ବନ୍ଦ ରହିଥିଲା। ପର୍ଯ୍ୟଟନସ୍ଥଳ ଖୋଲିବା ପରେ ପର୍ଯ୍ୟଟକଙ୍କ ଭିଡ଼ ଆରମ୍ଭ ହୋଇଯାଇଛି। ହବାଲିଖଟିରେ ସମୁଦ୍ରକୂଳରେ ଡଲ୍‌ଫିନ୍ ହାଉସ୍ ନାଁରେ ୪ଟି କଟେଜ୍ ରହିଛି। ହବାଲିଖଟିକୁ ଆସୁଥିବା ପର୍ଯ୍ୟଟକମାନେ ଡଲଫିନ୍ ହାଉସ୍ ଭିତରେ ରହି ସମୁଦ୍ରର ଶୋଭା ଉପଭୋଗ କରିବା ସହ ଡଲ୍‌ଫିନଙ୍କ ଜଳକ୍ରୀଡ଼ା ଦେଖିପାରିବେ। ଗୁପ୍ତିଠାରୁ ବନ ବିଭାଗ ବୋଟରେ ମଇପୁରା ନଈ ଦେଇ ଅଢ଼େଇ ଘଣ୍ଟା ଜଳଯାତ୍ରା ପରେ ହବାଲିଖଟିରେ ପହଞ୍ଚିବେ। ହବାଲିଖଟି ଜେଟିରୁ ୧ କିମି ପାଦଚଲା ରାସ୍ତା ଯିବା ପରେ ଅତିଥିଶାଳା ରହିଛି। ଭିତରକନିକାର ଡାଙ୍ଗମାଳ ଓ ଗୁପ୍ତି ସହ ହବାଲିଖଟିରେ ରାତ୍ରିଯାପନର ସୁବିଧା ରହିଛି। ବର୍ତ୍ତମାନ ପାଇଁ ୪ଟି କଟେଜ୍ ଥିବା ବେଳେ ଆସନ୍ତା ୧୫ ତାରିଖଠାରୁ ୫ଟି ଇକୋ କଟେଜ୍ ପର୍ଯ୍ୟଟକଙ୍କ ପାଇଁ ଉଦ୍‌ଘାଟନ କରାଯିବ। ସମୁଦ୍ରକୂଳରେ ଥିବା ହବାଲିଖଟିରେ ରାତ୍ରିଯାପନ ପାଇଁ ପର୍ଯ୍ୟଟକମାନେ ଅନ୍‌ଲାଇନରେ ରୁମ ବୁକିଂ କରିପାରିବେ।


ହବାଲିଘଟିରେ ପର୍ଯ୍ୟଟକଙ୍କ ପାଇଁ ଖୋଲିଥିବା କଟେଜ।

## ସଂକ୍ଷେପରେ

### ପୋଖରୀରେ ବୁଡି ଶିଶୁ କନ୍ୟା ମୃତ

କେନ୍ଦ୍ରାପଡ଼ା ଅଫିସ,୧।୧୧: କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ତହସିଲ ନରସିଂହପାଟଣା ପଞ୍ଚାୟତ ଅଠରବାଟିଆ ଗାଁର ବିକାଶ କୁମାର ସେଠୀଙ୍କ ଦୁଇବର୍ଷର ଶିଶୁକନ୍ୟା ପୋଖରୀରେ ବୁଡି ମୃତ୍ୟୁ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁକନ୍ୟାଙ୍କୁ ମୃତ ଘୋଷଣା କରାଯାଇଛି। ତେବେ ଡାକ୍ତରଖାନାରୁ ବିକାଶଙ୍କ ପରିବାର ଏହି ମୃତ ଶିଶୁଙ୍କୁ ଧରି ପଳାଇ ଯାଇଛନ୍ତି। ପ୍ରାଥମିକ ସୂଚନା ଅନୁଯାୟୀ, ଅପରାହ୍ନରେ ଖେଳୁଥିବା ବେଳେ ଶିଶୁଟି କୌଣସି କାରଣରୁ ପୋଖରୀରେ ପଡି ଯାଇଥିଲା। ୨ ଘଣ୍ଟା ପରେ ଶିଶୁଟି ପୋଖରୀରେ ଭାସୁଥିବା ଦେଖି ପରିବାର ଲୋକ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆଣିଥିଲେ। ଡାକ୍ତରଙ୍କ ମୃତ୍ୟୁ ଘୋଷଣା ପରେ ଏହାକୁ ସ୍ଥାନୀୟ ଫାଣ୍ଡିରେ ସୂଚନା ଦେବାକୁ ସିକ୍ୟୁରିଟି କର୍ମୀ ଯାଇଥିବା ବେଳେ ପରିବାର ଲୋକ ମୃତଦେହକୁ ନେଇ ପଳାଇ ଥିଲେ। ଏସମ୍ପର୍କରେ ସିଡିଏମଓ ଡା. ଅନୀତା ପଟ୍ଟନାୟକ କହିଛନ୍ତିଯେ, ମୃତ ଶିଶୁର ପରିବାର ଲୋକ ମୃତଦେହ ନେବାକୁ ଗାଡି ଖୋଜି ନ ଥିବା ସୂଚନା ମିଳିଛି।

### କଳସପୁର ନାଗେଶ୍ୱର ମନ୍ଦିରରୁ ଚୋରି

ଆଳି,୧।୧୧(ଡି.ଏନ.ଏ.): ଆଳି ଥାନା ଅନ୍ତର୍ଗତ କଳସପୁର ଗ୍ରାମରେ ଥିବା ବାବା ନାଗେଶ୍ୱର ମନ୍ଦିରରୁ ରବିବାର ବିଳମ୍ବିତ ରାତିରେ ଲୁଟ୍ ହୋଇଛି। ନାଗେଶ୍ୱର ମହାଦେବ ମନ୍ଦିର କମିଟିର ସଭାପତି ଗୋବିନ୍ଦ ମଲିକ ଥାନାରେ ଏନେଇ ଅଭିଯୋଗ କରିଛନ୍ତି। ରାତି ୯ ଟାରେ ସେ ଓ ଅନ୍ୟମାନେ ମନ୍ଦିରରେ ଭଜନ କୀର୍ତ୍ତନ କରିସାରି ତାଲା ପକାଇ ଘରକୁ ଯାଇଥିଲେ। ସୋମବାର ସକାଳ ୬ ଟାରେ ଗ୍ରାମବାସୀ ମନ୍ଦିର ଗ୍ରୀଲ ତଡା ହୋଇଥିବା ଦେଖିବାକୁ ପାଇଥିଲେ। ଖବର ପ୍ରଚାରିତ ହେବା ପରେ ଲୋକମାନେ ମନ୍ଦିର ନିକଟଗହଳି କରିଥିଲେ। ଦୁର୍ବୃତ୍ତ ମନ୍ଦିର ଭିତରୁ ବଡ଼ ନାଗକୁ ଆଣି ବାହାରେ ରଖିଥିବା ବେଳେ ୨ଟି ନାଗକୁ ଲୁଟି ନେଇଛନ୍ତି। ସେହିପରି ଦାନବାକ୍ସକୁ ମଧ ତାଡ଼ି ଦୁର୍ବୃତ୍ତମାନେ ଟଙ୍କା ଲୁଟି ନେଇଛନ୍ତି। ଆଇଆଇସି ସଲିଲ ପ୍ରଧାନଙ୍କୁ ଏ ବିଷୟରେ ପଚରିବାରେ ଅଭିଯୋଗ ପାଇବା ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ରାସ୍ତା ସମସ୍ୟା ଦୂର ପାଇଁ ଗ୍ରାମବାସୀଙ୍କ ଧାରଣା

ରଘୁନାଥପୁର,୧।୧୧(ଡି.ଏନ୍.ଏ.): ରଘୁନାଥପୁର ବ୍ଲକ ତଅାଁରା ପଞ୍ଚାୟତ ଅନ୍ତର୍ଗତ କରଡ଼ା ଜୈନାବାଜରୁ ସାଲିଜଙ୍ଗା ସାଇମନ୍ଦିର ପର୍ଯ୍ୟନ୍ତ ୨ କିଲୋମିଟର ରାସ୍ତା ଅବସ୍ଥା ଶୋଚନୀୟ ହୋଇଯାଇଛି। ଏନେଇ ଗ୍ରାମବାସୀ ବିଡିଓଙ୍କଠାରୁ ଆରମ୍ଭ କରି ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଲିଖିତ ଅଭିଯୋଗ କରିଥିଲେ। କୌଣସି ସଫଳତା ନ ମିଳିବାରୁ ସୋମବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଏହି ରାସ୍ତା ଉପରେ ୩ ପଞ୍ଚାୟତବାସୀ ନିର୍ଭର କରୁଥିବା ବେଳେ ରାସ୍ତା ଖରାପ ଥିବାରୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ କରିଥିଲେ। ଏହି ଧାରଣାରେ ସାମାଜିକ କର୍ମୀ ଗୋବିନ୍ଦ ଓଝା, କୃଷକନେତା ଦେବୀପ୍ରସାଦ ମହାରଣା, ପୂର୍ବତନ ସରପଞ୍ଚ ବିଜନ ମହାପାତ୍ର, ୱାର୍ଡ ସଭ୍ୟ ରାମଚନ୍ଦ୍ର ନାୟକ, ନଟବର ନାୟକ ପ୍ରମୁଖ ସାମିଲ ହୋଇଥିଲେ।

### କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର

ପାଣିକୋଇଲି,୧।୧୧(ଡି.ଏନ.ଏ.): କୋରେଇ ବ୍ଲକ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ସୋମବାର କେତେକ ଦାବି ଉଲ୍ଲେଖ ଥିବା ପତ୍ର ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। କୋରେଇ ବ୍ଲକ କନିଷ୍ଠ ଶିକ୍ଷକ ସଂଘ ସଭାପତି ଅମିତ କୁମାର ବରାଳ ଏହାର ନେତୃତ୍ୱ ନେଇଥିଲେ। ଦରମା ବୃଦ୍ଧି, ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କ ପାଇଁ ପ୍ରଣୀତ ହୋଇଥିବା ନୂତନ ସୁବିଧା, ସୁଯୋଗ, ସର୍ବନିମ୍ନ ମଜୁରି ପ୍ରଦାନ ଆଦି ପତ୍ରରେ ଉଲ୍ଲେଖ କରାଯାଇଛି। କୋରେଇ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ରସାଇ ମୁଣ୍ଡରୀ ଏହି ଦାବିପତ୍ର ଗ୍ରହଣ କରିଥିଲେ।

### ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

ପଟ୍ଟାମୁଣ୍ଡାଇ,୧।୧୧(ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ଓ ରାଜନଗର ବ୍ଲକ ନବନିର୍ମାଣ କୃଷକ ସଙ୍ଗଠାନ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଧନେଶ୍ୱର ସୂତାରଙ୍କ ପୌରୋହିତ୍ୟରେ ମାଳିପୁର ଛକଠାରେ ଆୟୋଜିତ ଉତ୍ସବରେ ବିଞ୍ଝାରପୁର ବ୍ଲକର କୃଷକ ନେତା ଭୁବନାନନ୍ଦ ସାମଲ, ରବୀନ୍ଦ୍ର ଜେନା, ଜ୍ଞାନ ବେଉରିଆ, କେନ୍ଦ୍ରାପଡ଼ାର ଅଙ୍କୁର ପଲାଇ, ଦାଶରଥୀ ସାହୁ ପ୍ରମୁଖ କୃଷକନେତା ଅତିଥି ଭାବେ ଯୋଗ ଦେଇଥିଲେ।

# ମଦ କାରଖାନା ଶ୍ରମିକଙ୍କ ଧାରଣା

ପାରାଦୀପ,୧।୧୧(ସ୍ୱ.ପ୍ର)

ରାଜ୍ୟର ଅଧିକାଂଶ ସ୍ଥାନରେ ନୂତନ ମଦ ଦୋକାନ ଖୋଲିବା ବିରୋଧରେ ଧାରଣା, ପ୍ରତିବାଦ କରାଯାଉଥିବାବେଳେ ପାରାଦୀପରେ ମଦ କାରଖାନା ଖୋଲିବା ପାଇଁ ସୋମବାର ଧାରଣା ଦିଆଯାଇଛି। ଏଥିରେ ବହୁ ମହିଳା,ପୁରଷ ସାମିଲ ହୋଇ ସ୍ଥାନୀୟ ମଧୁବନସ୍ଥିତ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ବସିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଏଡିଏମ୍ କାହ୍ନୁଚରଣ ଧୀରଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। ଇଷ୍ଟକୋଷ୍ଟ ସ୍କଲ୍ ବ୍ରିବରେଜ୍ ଏମ୍ପ୍ଲୋଇଜ୍ ୟୁନିୟନ ପକ୍ଷରୁ ଏହି ଧାରଣା ଆୟୋଜନ କରାଯାଇଛି ବୋଲି ସେଥିରେ ଉଲ୍ଲେଖ କରାଯାଇଥିଲା। ଧାରଣାର ନେତୃତ୍ୱ ନେଇଥିବା ଶ୍ରମିକନେତା ଉଲ୍ଲାସ ବିଶ୍ୱାଳ କୁହନ୍ତି, ପାରାଦୀପର ପ୍ରଥମ କାରଖାନା ହେଲା ବିଅରଫ୍ୟାକ୍ଟ୍ରି। ଏହି କାରଖାନା ଚଲାଉଥିବା ବହୁରାଷ୍ଟ୍ରୀୟ କମ୍ପାନୀ ୨୪ ମାର୍ଚ୍ଚ ୨୦୨୦ରୁ ଉତ୍ପାଦନ ବନ୍ଦ କରିଦେଇଛି। ଫଳରେ ବହୁ ଠିକାଶ୍ରମିକ ରୋଜଗାର ହରାଇ ବସିଛନ୍ତି। ଉକ୍ତ କାରଖାନା ପୁନଃ ଉତ୍ପାଦନ ଆରମ୍ଭ ହେଲେ ଶ୍ରମିକମାନେ ଉପକୃତ ହେବେ ବୋଲି ସେ କହିଛନ୍ତି। ଏ ବିଷୟରେ ଆଲୋଚନା ପାଇଁ ଏଡିଏମ୍ ଧୀର ୨୧ ନଭେମ୍ବର ଧାର୍ଯ୍ୟ କରିବା ପରେ ଶ୍ରମିକମାନେ ଧାରଣାରୁ ଉଠିଥିଲେ। ଅପରପକ୍ଷେ ୟୁନିୟନର ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ଓ ସମ୍ପାଦକ ବାବୁଲି ନାୟକ ଧାରଣାକୁ ସମର୍ଥ କରି ନ ଥିବା ବେଳେ ଏଥିରେ ୟୁନିୟନର ନାମ ବ୍ୟବହାର ନ କରିବା ପାଇଁ ଅଲଗା ଭାବେ ଏଡିଏମ୍ ଧୀରଙ୍କୁ ଅଭିଯୋଗ ପତ୍ର ଦେଇଛନ୍ତି।

# ଉତ୍ପାତ କରୁଥିବା ହାତୀକୁ ହାଇୱାରେ କଟକ ନିଆଗଲା

ମହାକାଳପଡ଼ା, ୧।୧୧ (ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ ଗଡ଼ରୋମିତ ଗ୍ରାମ ସଂଲଗ୍ନ ଗହୀର ଚାଷ ଜମିରେ ରବିବାର ସନ୍ଧ୍ୟାରେ ନନ୍ଦନକାନନ ବିଶେଷଜ୍ଞ ଟିମ୍‌ର ରାମଚନ୍ଦ୍ର କାଣ୍ଡି ହାତୀକୁ ଟ୍ରାଙ୍କୁଲାଇଜ୍ କରିଥିଲେ। ପରେ ମାହୁନ୍ତ ହାତୀ ଗୋଡ଼ରେ ଚେନର ଶିକୁଳି ଲଗାଇଥିଲେ। ରାତି ହୋଇ ଯାଇଥିବାରୁ ଖୁମ୍ବ ପୋତି ହାତୀକୁ ବନ୍ଧା ଯାଇ ରଖାଯାଇଥିଲା। ସୋମବାର ସକାଳେ ଚାଷ ଜମିରୁ ବନ ବିଭାଗର କର୍ମଚାରୀ ନିଆଁହୁଳା ଦେଖାଇ ହାତୀକୁ ମୁଖ୍ୟ ରାସ୍ତାକୁ ଆଣିଥିଲେ। ପୁଣି ଥରେ ହାତୀକୁ ଟ୍ରାଙ୍କୁଲାଇଜ୍ କରିବା ପରେ ମୁହଁରେ କପଡା ଘୋଡ଼ାଇ ଦିଆଯାଇଥିଲା। ଅପରାହ୍ନରେ ହାତୀକୁ କ୍ରେନ୍ ସାହାଯ୍ୟରେ ହାଇୱାରେ ଭର୍ତ୍ତି କରାଯାଇଥିଲା। ପରେ ବନ ବିଭାଗର ଅଧିକାରୀଙ୍କ ହେପାଜତରେ ସ୍ୱତନ୍ତ୍ର ଏସ୍କର୍ଟ ସହାୟତାରେ କଟକ ଅଭିମୁଖେ ହାତୀକୁ ନିଆଯାଇଛି। କଟକ ଡିଏଫ୍‌ଓ ସଞ୍ଜୟ କୁମାର ସ୍ୱାଇଁ ଓ ରାଜନଗର ଡିଏଫ୍‌ଓ ଡା. ଯଜ୍ଞଦତ୍ତ ପତି ଉଦ୍ଧାର କାର୍ଯ୍ୟର ତନଖି କରିଥିଲେ। ଏହା ଦେଖିବାକୁ ଅଞ୍ଚଳର ଲୋକଙ୍କ ଭିଡ଼ ଜମିଥିଲା। ଅପରପକ୍ଷେ ଅଞ୍ଚଳର ଅନେକ ଚାଷୀଙ୍କ ଫସଲ ନଷ୍ଟ ହୋଇଛି। ତହସିଲ ପକ୍ଷରୁ କ୍ଷୟକ୍ଷତି ଆକଳନ ପରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପିଛା ୧୦ ହଜାର ଟଙ୍କା ଦିଆଯିବ। ହାତୀଟିକୁ ଆମେ ନରହନ୍ତା କହିବୁ ନାହିଁ। ଯାଜପୁର ବୈରୀ ରେଞ୍ଜରୁ ହାତୀଟି ଦଳଛଡ଼ା ହୋଇ କଟକ, ଜଗତ୍‌ସିଂହପୁର ଜିଲାରେ ପ୍ରବେଶ କରିଥିଲା। ଏହି ସମୟ ମଧ୍ୟରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଥିଲେ ବୋଲି କଟକ ଡିଏଫ୍‌ଓ ସ୍ୱାଇଁ କହିଛନ୍ତି।

**କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦିଆଯିବ**


ଉଦ୍ଧାର ହାତୀକୁ ନିଆଯାଉଛି।

# ଏକାଧିକ ସ୍ଥାନରେ ଜିଲାର ୩୧୭ ଭୋଟର

କେନ୍ଦ୍ରାପଡା ଅଫିସ,୧।୧୧

କେନ୍ଦ୍ରାପଡ଼ା ଜିଲାରେ ସୋମବାରଠାରୁ ନଭେମ୍ବର ଶେଷ ତାରିଖ ପର୍ଯ୍ୟନ୍ତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ଭୋଟର ତାଲିକାରେ ଜିଲାର ୩୧୭ ଜଣଙ୍କର ଏକାଧିକ ସ୍ଥାନରେ ଭୋଟ ପରିଚୟ ପତ୍ର ରହିଥିବା ରାଜନୈତିକ ଦଳ ଓ ପ୍ରଶାସକଙ୍କ ଏକ ବୈଠକରେ ସୂଚନା ମିଳିଛି। ଏଡିଏମ୍ ଦୁର୍ଗାପ୍ରସାଦ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ଜିଲାପାଳ କାର୍ଯ୍ୟାଳୟର ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଜିଲାପାଳ ନିରଞ୍ଜନ ବେହେରା ଯୋଗଦେଇ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସମ୍ପର୍କରେ ଦଳୀୟ ନେତାଙ୍କୁ ଅବଗତ କରାଇଥିଲେ। ଏଥିସହ ପ୍ରତ୍ୟେକ ବୁଥ୍‌ରେ ଆସନ୍ତା ୭ ଓ ୨୧ ତାରିଖରେ ବିଏଲଓମାନେ ଉପସ୍ଥିତ ରହିବେ ବୋଲି ଏଠାରେ ସୂଚନା ଦିଆଯାଇଥିଲା। ଏଥିରେ ଜିଲା ବିଜେଡି ସଭାପତି ଉତ୍କଳ ପରିଡା, ଆଇନଜୀବୀ ଦେବଦାସ ମହାନ୍ତି, ଜିଲା କଂଗ୍ରେସର ପ୍ରଫୁଲ୍ଲ ଦାଶ, ଭାଜପାର ନେହେରୁ ସାହୁ, ସିପିଆଇ ଜିଲା ସମ୍ପାଦକ ରମଣୀରଞ୍ଜନ ରାଉତରାୟ, ସିପିଆଇ(ଏମ୍)ର ଗୟାଧର ଧଳ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପଖଣ୍ଡ ଅଧିକାରୀ ଅଶୋକ ବଳିଆର ସିଂ ପରିଚାଳନା କରିଥିଲେ।

# ୫ ଜାନୁୟାରୀରେ ଚୂଡ଼ାନ୍ତ ତାଲିକା


ବୈଠକରେ ଜିଲାପାଳ ଓ ଅନ୍ୟମାନେ।

ଜଗତ୍‌ସିଂହପୁର ଅଫିସ, ୧।୧୧

ନଭେମ୍ବର ୧ରୁ ଭୋଟର ପରିଚୟପତ୍ର ତାଲିକା ପ୍ରକାଶ କରାଯାଇଛି। ୨୦୨୨ ଜାନୁୟାରୀ ସୁଦ୍ଧା ୧୮ ବର୍ଷ ହେଉଥିବା ବ୍ୟକ୍ତିମାନେ ଏଥିରେ ସାମିଲ ହୋଇପାରିବେ। ଏ ସମ୍ପର୍କରେ ଦାବି ଓ ଅଭିଯୋଗ ୩୦ ନଭେମ୍ବର ମଧ୍ୟରେ କରାଯାଇ ପାରିବ। ନଭେମ୍ବର ୭ ଏବଂ ୨୧ ରେ ଏ ନେଇ ସ୍ୱତନ୍ତ୍ର ଅଭିଯାନ କରାଯିବ। ଏହି ସମୟରେ ବିଏଲ୍‌ଓମାନେ ବୁଥ୍‌ରେ ଉପସ୍ଥିତ ରହିବେ। ଯେଉଁମାନେ ଯୋଗ୍ୟ ଭୋଟର ହୋଇଥିବେ ମାତ୍ର ତାଲିକାରେ ନାଁ ନ ଥିବ ସେମାନେ ନାମ ଅନ୍ତର୍ଭୁକ୍ତ କରିପାରିବେ। ଏଥିସହ ତ୍ରୁଟି ସଂଶୋଧନ ମଧ୍ୟ କରାଯାଇପାରିବ। ଚାହିଁଲେ ନାଁ କଟାଯାଇ ପାରିବ। ନାମ ପଞ୍ଜୀକରଣ ଅନ୍‌ଲାଇନ୍‌ରେ ଅର୍ଥାତ୍ ଭୋଟର ହେଲ୍ପଲାଇନ୍ ଆପ ମାଧ୍ୟମରେ ହେବ। ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ସଂକ୍ଷିପ୍ତ ଭୋଟର (ମତଦାତା) ତାଲିକା ସଂଶୋଧନ ନିମନ୍ତେ ଆୟୋଜିତ ବୈଠକରେ ଜିଲାପାଳ ପାରୁଲ ପଟାୱରୀ ପୌରୋହିତ୍ୟ କରି ଏହା କହିଛନ୍ତି। ରାଜନୈତିକ ଦଳର ପ୍ରତିନିଧିମାନେ ବୁଥ୍‌ସ୍ତରରେ ଏଜେଣ୍ଟ ନିଯୁକ୍ତ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବାକୁ ପୋଷ୍ଟାଲ ଠିକଣା, ପିନ୍ କୋଡ୍ ଏବଂ ମୋବାଇଲ ନମ୍ବର ଉଲ୍ଲେଖ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଆସନ୍ତା ୨୦ ତାରିଖ ସୁଦ୍ଧା ମିଳିଥିବା ଦାବି ଓ ଅଭିଯୋଗର ଫଇସଲା କରାଯିବ। ଚୂଡ଼ାନ୍ତ ଭୋଟର ତାଲିକା ଜାନୁୟାରୀ ୫ରେ ପ୍ରକାଶ ପାଇବ ବୋଲି ଜିଲାପାଳ ସୂଚନା ଦେଇଥିଲେ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ନିର୍ବାଚନ ଡେପୁଟି କଲେକ୍ଟର ବିନୀତା ଦାଶ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

### ସୁନା ଦୋକାନରୁ କାନଫୁଲ ଚୋରି ଘଟଣାରେ ଜଣେ ଗିରଫ

ରାଜନଗର, ୧।୧୧(ଡି.ଏନ.ଏ.)

ରାଜନଗର ହଂସୁଆ ସେତୁ ନିକଟରେ ଥିବା କ୍ରୀଷ୍ଣା ଜୁଏଲାରିରୁ ୪ଦିନ ତଳେ ମା'ପୁଅ ଗହଣା କିଣିବାକୁ ଆସି ସୁନାର କାନଫୁଲ ଦେଖି ଲୁଟି ନେଇଥିଲେ। ବ୍ୟବସାୟୀ ଜଣକ ଲୁଟ ସମ୍ପର୍କରେ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାରେ ରାଜନଗର ବଜରଙ୍ଗବଲୀ ପୂଜା କମିଟି ପକ୍ଷରୁ ଏହି ଲୁଟେରାଙ୍କୁ ଧରାଇ ଦେଲେ ୧୦ ହଜାର ଟଙ୍କାର ପୁରସ୍କାର ରାଶି ଦିଆଯିବ ବୋଲି ସୋସିଆଲ ମିଡିଆରେ ସୂଚନା ଦିଆଯାଇଥିଲା। ବିଭିନ୍ନ ସ୍ଥାନରେ ଖୋଜାଖୋଜି ପରେ ରବିବାର ରାଜନଗର ଥାନା ସବଇନ୍ସପେକ୍ଟର ବିଜୟ କୁମାର ବରାଳ, ରାଇଟର ରଞ୍ଜନ କୁମାର ଜେନାଙ୍କ ସହ ପୋଲିସ ଫୋର୍ସ ପଟ୍ଟାମୁଣ୍ଡାଇ ଥାନା ବଡମାଣିକିଆ ଗାଁରେ ଚଢାଉ କରି ରବୀନ୍ଦ୍ର ସାହୁଙ୍କୁ ଗିରଫ କରିଛି। ରବୀନ୍ଦ୍ରଙ୍କୁ ଗିରଫ କରିଥିବା ବେଳେ ଏହି ଲୁଟରେ ସାମିଲ ଥିବା ତାଙ୍କ ମା' ଓ ସ୍ତ୍ରୀ ପୋଲିସକୁ ଦେଖି ଫେରାର ହୋଇଯାଇଥିଲେ। ଏହି ପରିବାର ଗ୍ୟାଙ୍ଗ କେନ୍ଦ୍ରାପଡା ଜିଲାର ବିଭିନ୍ନ ସ୍ଥାନରୁ ସୁନା ଚୋରି କରି ଜେଲ ଯାଇଛନ୍ତି। ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା ଓ ସାଲେପୁର ଥାନାରେ ସେମାନଙ୍କ ନାଁରେ ମାମଲା ଥିବା ରାଜନଗର ଆଇଆଇସି ତପନ କୁମାର ନାୟକ ସୂଚନା ଦେଇଛନ୍ତି।

### କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ବ୍ଲକ ଶିକ୍ଷାଧିକାରୀଙ୍କୁ ଦାବିପତ୍ର

ରାଜନଗର, ୧।୧୧(ଡି.ଏନ.ଏ.)

ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ରାଜନଗର ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ରାଜନଗର ବ୍ଲକ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କନିଷ୍ଠ ଶିକ୍ଷକ ସଂଘର ବିଜୟ ସେନ ଲୋହାର, ରୁଦ୍ର ନାରାୟଣ ସେଠୀ, ବସନ୍ତ କୁମାର ମହାନ୍ତି, ଉମେଶ ଚନ୍ଦ୍ର ସାହୁ, ସୁବାଷ ଚନ୍ଦ୍ର ସିଂ, ଅର୍ଜୁନ ମୁର୍ମୁ ପ୍ରମୁଖ ଏକ ଟିମ୍ ଦାବିପତ୍ର ବ୍ଲକ ଶିକ୍ଷାଧିକାରୀ ଦାୟିତ୍ୱରେ ଥିବା ଅତିରିକ୍ତ ଶିକ୍ଷାଧିକାରୀ କଳ୍ପନା କୁମାରୀ ଦେଈଙ୍କୁ ପ୍ରଦାନ କରିଛନ୍ତି। ୨୦୧୬ଠାରୁ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ସେମାନଙ୍କର ବିଭିନ୍ନ ଦାବି ନେଇ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରିଆସୁଛନ୍ତି। ଏହି ଦାବିଗୁଡିକ ମଧ୍ୟରେ କନିଷ୍ଠ ଶିକ୍ଷକମାନଙ୍କ ଦରମା ବୃଦ୍ଧି, ଅହେତୁକ ଦରଦାମ ବୃଦ୍ଧି ଯୋଗୁ, ମାସିକ ମାତ୍ର ୬୫୧୨ ଟଙ୍କା ପାଉଥିବା ଶିକ୍ଷକମାନଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ପରିବର୍ତ୍ତନ, ଓଡ଼ିଶା ବର୍ଗ-ଗ (ଚୁକ୍ତିନାମା ନିୟମ ୨୦୧୩) ଅଧୀନ କର୍ମଚାରୀଙ୍କ ପାଇଁ ଅକ୍ଟୋବର ୧୧ରେ କ୍ୟାବିନେଟରେ ନିଷ୍ପତ୍ତି ଅନୁଯାୟୀ ସୁବିଧା ସୁଯୋଗ ପ୍ରଦାନ, ଚୁକ୍ତି ଭିତ୍ତିକ କନିଷ୍ଠ ଶିକ୍ଷକମାନଙ୍କୁ ପ୍ରଦାନ କରାଯିବା, ଶିକ୍ଷକମାନଙ୍କର ସର୍ବନିମ୍ନ ଦରମା ୧୬ ହଜାରକୁ ବୃଦ୍ଧି କରାଯାଇ ୨୦୧୬ରୁ ଲାଗୁ କରାଯିବା ପ୍ରଭୃତି ଦାବି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି।

### 'ନିରଞ୍ଜନ ସାଲିସ ବିହୀନ ନେତା ଥିଲେ'

ଜଗତ୍‌ସିଂହପୁର ଅଫିସ, ୧।୧୧

ଜଗତ୍‌ସିଂହପୁର କଲେଜ ଛକସ୍ଥିତ ଗଣେଶ ମନ୍ଦିରର ପ୍ରତିଷ୍ଠାତା, ଜଗତ୍‌ସିଂହପୁର ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ତଥା ଅବିଭକ୍ତ କଟକ ଜିଲା କଂଗ୍ରେସ କମିଟିର ପୂର୍ବତନ ସାଧାରଣ ସମ୍ପାଦକ ସ୍ୱର୍ଗତ ନିରଞ୍ଜନ ଜେନାଙ୍କ ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳୀ ସଭାର ଆୟୋଜନ ହୋଇଥିଲା । ସିଦ୍ଧି ବିନାୟକ ସେବାଶ୍ରମ ପକ୍ଷରୁ ସଭାପତି ଦୁଷ୍ମନ୍ତ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ବରିଷ୍ଠ ନାଗରିକ ବଂଶୀଧର ପଟ୍ଟନାୟକଙ୍କ ପୌରୋହିତ୍ୟ କରିଥିଲେ। ସଭାରେ ବକ୍ତାମାନେ କହିଥିଲେ, ସ୍ୱର୍ଗତ ଜେନା ଜଣେ ସାଲିସ ବିହୀନ ରାଜନେତା ଥିଲେ। ଜଣେ ଦରଦୀ ମଣିଷ ହିସାବରେ ବିଭିନ୍ନ କ୍ଷେତ୍ରରେ ସହଯୋଗର ହାତ ବଢାଉଥିଲେ। କାର୍ଯ୍ୟକ୍ରମରେ ଅଳକା ସ୍ମୃତି ପରିଷଦର ସଭାପତି ସଂଗ୍ରାମୀ ମାଧବାନନ୍ଦ ମନୋହରୀ, ବାଲିକୁଦାର ପୂର୍ବତନ ବିଧାୟକ ଉମେଶ ସ୍ୱାଇଁ, ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର, ପିସିସି ସମ୍ପାଦକ ବିପ୍ଳବ ଚୌଧୁରୀ, ପୂର୍ବତନ ଜିଲା କଂଗ୍ରେସ ସଭାପତି ରବୀନ୍ଦ୍ରନାଥ ମହାନ୍ତି, ଭାଜପା ନେତା ରାଜ କିଶୋର ବେହେରା, ସାମାଜିକ କର୍ମୀ ବାସୁଦେବ, ଶ୍ରୀଚରଣ ରାଉତ, ଶ୍ରୀକାନ୍ତ ଚୌଧୁରୀ, ଶିକ୍ଷାବିତ୍ ନିକୁଞ୍ଜ କିଶୋର ବେହେରା, ନିରଞ୍ଜନ ପଣ୍ଡା, ରତିକାନ୍ତ ନାୟକ ଓ ଜିଲା ଯୁବ କଂଗ୍ରେସ ସଭାପତି ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଦେଇଥିଲେ। ଶେଷରେ ସ୍ୱର୍ଗତ ଜେନାଙ୍କ ସାନ ଭାଇ ରାଜେନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।

# ଗ୍ୟାସ ବଦଳରେ ଜଳିଲା କାଠ ଚୁଲା

କେନ୍ଦ୍ରାପଡ଼ା ଅଫିସ, ୧।୧୧

ଖାଉଟିଙ୍କୁ ମହଙ୍ଗା ମାଡ ପ୍ରତିବାଦରେ କେନ୍ଦ୍ରାପଡ଼ା ଜିଲା ବିଜେଡି ସୋମବାର ଆନ୍ଦୋଳନକୁ ଓହ୍ଲାଇଛି। ଜିଲା ମହିଳା ବିଜେଡି ପକ୍ଷରୁ ଘରୋଇ ସାମଗ୍ରୀର ଦରବୃଦ୍ଧିକୁ ପ୍ରତିବାଦ କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ସଭା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ରକୁ ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହି ସମୟରେ ଗ୍ୟାସ ଟାଙ୍କି ଆଗରେ ଥୋଇ କାଠ ଚୁଲାରେ ମହିଳାମାନେ ରୋଷେଇ କରି ପ୍ରତିବାଦ ଜଣାଇଛନ୍ତି। ସହର ମହିଳା ସଭାନେତ୍ରୀ ସ୍ୱୟଂପ୍ରଭା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ଶଶିଭୂଷଣ ବେହେରା, ସ୍ନେହପ୍ରଭା ତ୍ରିପାଠୀ, ଜ୍ୟୋତ୍ସ୍ନାରାଣୀ ଜେନା, ସୁମିତ୍ରା ପାତ୍ରୀ, ରିଜୱାନା ବେଗମ, ଲୋପାମୁଦ୍ରା ବାରିକ, ସୀତାସୁନ୍ଦରୀ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ କହିଥିଲେ ରୋଷେଇ ଗ୍ୟାସ ସିଲିଣ୍ଡର ମୂଲ୍ୟ ୯ଶହ ଟଙ୍କାରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ପେଟ୍ରୋଲ ଓ ଡିଜେଲ ଶହେ ପାର ହେଲାଣି। ଖାଇବା ତେଲ ୨ ଶହ ଟଙ୍କା ହେଲାଣି। ସାମଗ୍ରୀର ଅହେତୁକ ଦରବୃଦ୍ଧିକୁ କେନ୍ଦ୍ର ସରକାର ରୋକିବାକୁ ଅସମର୍ଥ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ଉତ୍କଳ ପରିଡା, ଯୁବ ସଭାପତି ରାଜେଶ ଦାସ, ବ୍ଲକ ଅଧ୍ୟକ୍ଷ ଶିବପ୍ରସାଦ ଭଳ, ହିରଣ୍ୟ କୁମାର ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ମାର୍ଶାଘାଇ, ଆଳି, ରାଜନଗର, ଡେରାବିଶ ଓ ପଟ୍ଟାମୁଣ୍ଡାଇରେ ବିଜେଡି ପକ୍ଷରୁ ବିକ୍ଷୋଭ କରାଯାଇଥିଲା।


କେନ୍ଦ୍ରାପଡ଼ା ଜିଲା ଡେରାବିଶରେ ବିଜେଡି ମହିଳା ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

## ଦୁଇ ଜିଲା ମହିଳା ବିଜେଡିର ଦରବୃଦ୍ଧି ପ୍ରତିବାଦ


ବିଜେଡିର ମହିଳାକର୍ମୀମାନେ ଜଗତ୍‌ସିଂହପୁରରେ ଶୋଭଯାତ୍ରା କରୁଛନ୍ତି।

ଜଗତ୍‌ସିଂହପୁର ଅଫିସ, ୧।୧୧

ତୈଳ ଓ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ପ୍ରତିବାଦରେ ବିଜୁ ମହିଳା ଜନତା ଦଳ ଜଗତ୍‌ସିଂହପୁର ନିର୍ବାଚନ ମଣ୍ଡଳୀ ତରଫରୁ ପ୍ରତିବାଦ କରାଯାଇଥିଲା। ଏହି ଅବସରରେ ଶତାଧିକ ଦଳୀୟ କର୍ମୀ ଓ ନେତା ସ୍ଥାନୀୟ ସିପିସ୍ଥିତ ବିଜେଡି କାର୍ଯ୍ୟାଳୟ ନିକଟରୁ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପଡିଆ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ପ୍ରତିବାଦ ସଭାର ଆୟୋଜନ ହୋଇଥିଲା। ଏଥିରେ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଏମ୍‌ପି ରାଜଶ୍ରୀ ମଲ୍ଲିକ, ଜିଲା ବିଜୁ ମହିଳା ଜନତା ଦଳ ସଭାପତି ସବିତା ମହାପାତ୍ର, ବ୍ଲକ ବିଜୁ ମହିଳା ଜନତା ଦଳ ସଭାପତି ପ୍ରଭାତି ମହାନ୍ତି, ଜିଲା ପରିଷଦ ସଭ୍ୟା କିରଣବାଳା ସାସମଲ, ବ୍ଲକ ବିଜେଡି ସଭାପତି ମନୋଜ ଭୋଇ, ଜିଲା ବିଜେଡି ଉପସଭାପତି ଦିପ୍ତି ରଞ୍ଜନ ଦାସ, ବରିଷ୍ଠ ଆଇନଜୀବୀ ଦୋଳଗୋବିନ୍ଦ ଦାସ, ନଗର ବିଜେଡି ସଭାପତି ପ୍ରିୟବ୍ରତ ମହାପାତ୍ର ଓ ଜିଲା ଛାତ୍ର ବିଜେଡି ସଭାପତି ଇଂ ସମ୍ବିତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଦରଦାମ ବୃଦ୍ଧି ପ୍ରତିବାଦରେ ଏରସମା, ରଘୁନାଥପୁର, ବିରିଡି, ନାଉଗାଁ,କୁଜଙ୍ଗ ଓ ତିର୍ତ୍ତୋଲ ବ୍ଲକ ସମେତ ପାରାଦୀପ ପୌରାଞ୍ଚଳରେ ବିଜେଡି ପକ୍ଷରୁ ବିକ୍ଷୋଭ କରାଯାଇଛି।

# ଛାତ୍ରୀଙ୍କ ମୃତ୍ୟୁ ପରେ ଉତ୍ତେଜନା

ନୟାଗଡ଼ ଅଫିସ,୧।୧୧

ଡାକ୍ତରଙ୍କ ଚିକିତ୍ସା ଅବହେଳା ଯୋଗୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚଏଚ)ରେ ଜଣେ ଛାତ୍ରୀ ମୃତ୍ୟୁକୁ ନେଇ ସୋମବାର ଅପରାହ୍ନରେ ଉତ୍ତେଜନା ପ୍ରକାଶ ପାଇଛି। ମୃତକ ହେଲେ ଶୁଭଶ୍ରୀ ବେହେରା(୧୧)। ଷଷ୍ଠ ଶ୍ରେଣୀର ଛାତ୍ରୀ। ଘର ନୟାଗଡ ଜିଲା ଶରଣକୁଳ ଥାନା ବୋଲ ଗାଁରେ। ଡାକ୍ତର ମୃତ ଛାତ୍ରୀଙ୍କୁ ରେଫର କରିବା ଓ ଆମ୍ବୁ ଗାଡି ଆଣିବାକୁ ପରାମର୍ଶ ଦେବା ଘଟଣା ବିବାଦକୁ ବଢ଼ାଇଥିଲା। ପରିବାର ଲୋକେ ଆମ୍ବୁ ଗାଡି ଖୋଜି ପାଇ ନ ଥିଲେ। ଶେଷରେ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ନେବା ପାଇଁ ପ୍ରସ୍ତୁତ ହେବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଛାତ୍ରୀ ମୃତ ଜଣାପଡିବା ପରେ ଚିକିତ୍ସାଳୟରେ ମୃତକଙ୍କ ପରିବାର ଓ ଆତ୍ମୀୟ ଲୋକ ପାଟିତୁଣ୍ଡ କରିଥିଲେ। ଉତ୍ତେଜନା ବଢ଼ି ଚାଲିଥିବାବେଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଫାଣ୍ଡି ଥାଇ ବି ପୋଲିସ ନୀରବତା ଅବଲମ୍ବନ କରିଥିଲା। କେବଳ ମୃତକଙ୍କ ନାଁ, ଠିକଣା ପଚାରି ୨ଜଣ ପୋଲିସ ଚୁପ ହୋଇଯାଇଥିଲା। ଅନ୍ୟପକ୍ଷେ ଆନ୍ଦୋଳନକାରୀ ଡାକ୍ତରଙ୍କୁ ମୃତ୍ୟୁର କାରଣ ପଚାରି ଅସନ୍ତୋଷ ବ୍ୟକ୍ତ କରି କିଛି ସମୟ ଘେରାଉ କରି ଚିକିତ୍ସାଳୟରେ ରଖିଥିଲେ। ଫଳରେ ସ୍ୱାସ୍ଥ୍ୟ ସେବା ଠପ ହୋଇଯାଇଥିଲା। ଘଟଣାସ୍ଥଳରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ଜିଲା ଚିକିତ୍ସାଧିକାରୀ(ସ୍ୱାସ୍ଥ୍ୟସେବା) ତଥା ସୁପରିଣ୍ଟେଣ୍ଡେଣ୍ଟ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଶେଷରେ ମୃତ ଛାତ୍ରୀଙ୍କ ପରିବାର ଲୋକ ମୃତଦେହକୁ ବ୍ୟବଚ୍ଛେଦ ନକରି ଘରକୁ ନେଇ ଯାଇଥିଲେ।

ଏ ନେଇ ମୃତ ଛାତ୍ରୀଙ୍କ ବାପା ସଞ୍ଜୟ କୁହନ୍ତି, ଅପରାହ୍ନରେ ଝିଅ ଅଚେତ ହୋଇ ପଡିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲୁ। ଡାକ୍ତର ମୋ ଝିଅକୁ ଦେଖିଥିଲେ। ଝିଅର ଅବସ୍ଥା ଗୁରୁତର ଅଛି କହିଥିଲେ। ହାର୍ଟ ବିଟ୍ ୪୬ ରହିଛି ବୋଲି ଜଣାଇଥିଲେ। ଏଭଳି ସମୟରେ ଭୁବନେଶ୍ୱର ରେଫର କରିବାକୁ କହି ଆମ୍ବୁ ଗାଡି ଆଣିବାକୁ ପରାମର୍ଶ ଦେଲେ। ଆମ୍ବୁ ଗାଡି କ'ଣ ପଚାରିବାରୁ ସେ ଅଧିକ କିଛି ନ କହି ଗାଡି ଆଣିବାକୁ କହିଥିଲେ। ତେବେ ଆମ୍ବୁ ଗାଡି ମିଳି ନ ଥିଲା। ବହୁ କଷ୍ଟରେ ଏକ ଆମ୍ବୁଲାନ୍ସ ମିଳିଥିଲା। ହେଲେ ଡାକ୍ତର ଝିଅକୁ ମୃତ ଘୋଷଣା କରିଥିଲେ। ଝିଅ ମୃତ୍ୟୁ ଆମକୁ ବିଶ୍ୱାସ ଲାଗିଲା ନାହିଁ। ଝିଅ ମୃତ୍ୟୁ ସମ୍ପର୍କରେ ପଚାରବାରୁ ଚିକିତ୍ସା କରୁଥିବା ଡାକ୍ତର କହିଥିଲେ, ଝିଅ ଚିକିତ୍ସାଳୟରେ ପହଞ୍ଚିବା ପୂର୍ବରୁ ମୃତ୍ୟୁ ହୋଇ ସାରିଥିଲା। ତେବେ ସେ ମୃତ ଘୋଷଣା ନ କରି ଶେଷ ଚେଷ୍ଟା କରିଥିଲେ। ହେଲେ ମୃତ ଝିଅକୁ କାହିଁକି ରେଫର କରିଥିଲେ ବୋଲି ପ୍ରଶ୍ନର ଉତ୍ତର ରଖି ନ ଥିଲେ। ପୁଣି ଆମ୍ବୁ ଗାଡି କ'ଣ, ଆମକୁ ଆମ୍ବୁଲାନ୍ସ ନ କହି ଆମ୍ବୁ ଗାଡି ପାଇଁ କାହିଁକି ପଠାଇଲେ ତା'ର ଉତ୍ତର ରଖି ପାରିଲେ ନାହିଁ। ଆମେ ଚାହୁଁଥିଲୁ ମୋ ଝିଅ ପରି ଅନ୍ୟ କେହି ଚିକିତ୍ସା ଅବହେଳା ଯୋଗୁ ପ୍ରାଣ ନ ହରାନ୍ତୁ। ହେଲେ ଆମକୁ ସହଯୋଗ ମିଳିଲା ନାହିଁ। ଡାକ୍ତର ଝିଅକୁ ଚିକିତ୍ସା କରୁଥିବାବେଳେ ବାରମ୍ବାର କାହାକୁ ଫୋନରେ ପଚାରି ଚିକିତ୍ସା କରୁଥିଲେ। ଯାହାକି ଚିକିତ୍ସାଳୟର ସିସିଟିଭିରେ ରହିଛି। ହେଲେ ମନ ଦୁଃଖରେ ଝିଅର ମୃତଦେହକୁ ଧରି ଘରକୁ ଚାଲିଗଲୁ ବୋଲି କାନ୍ଦି କାନ୍ଦି କହିଛନ୍ତି। ଚିକିତ୍ସା କରୁଥିବା ଡାକ୍ତର ଆର. କେ. ମିଶ୍ର କୁହନ୍ତି, ଛାତ୍ରୀ ଚିକିତ୍ସାଳୟକୁ ଆସିବା ବେଳକୁ ଜୀବନ ନ ଥିଲା। ତେବେ ସେ ଶେଷ ଚେଷ୍ଟା କରିଥିଲେ। କାଳେ ଝିଅଟି ବଞ୍ଚିବ ସେନେଇ ଆମ୍ବୁଲାନ୍ସ ଆଣିବାକୁ କହିଥିଲି। ହେଲେ ସେମାନେ ଅଭିଯୋଗ କରୁଛନ୍ତି ମୁଁ ଆମ୍ବୁଲାନ୍ସ ନୁହେଁ ଆମ୍ବୁ ଆଣିବାକୁ କହିଥିଲି। ଚିକିତ୍ସା ସମୟରେ ବ୍ୟସ୍ତ ଥିବାରୁ ମୋ କଥା ସେମାନଙ୍କୁ ଶୁଣାଯାଇ ନ ଥାଇ ପାରେ। କିମ୍ବା ମୋର ତ୍ରୁଟି ହୋଇଥାଇ ପାରେ। ତେବେ ଝିଅର ମୃତ୍ୟୁ ଚିକିତ୍ସା ଅବହେଳାରୁ ହୋଇନାହିଁ ବୋଲି କହିଛନ୍ତି। ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ଜିଲା ଚିକିତ୍ସାଧିକାରୀ(ସ୍ୱାସ୍ଥ୍ୟସେବା) ତଥା ସୁପରିଣ୍ଟେଣ୍ଡେଣ୍ଟ ଅଧୀକ୍ଷକ ପ୍ରସନ୍ନ ପ୍ରସାଦ ସାହୁ କୁହନ୍ତି, ଡାକ୍ତର ଚିକିତ୍ସାରେ ଅବହେଳା କରିନାହାନ୍ତି। ମୃତକଙ୍କ ପରିବାର ଲୋକଙ୍କୁ ବୁଝାଶୁଝା ପରେ ସେମାନେ ମୃତଦେହ ନେଇ ଚାଲି ଯାଇଥିଲେ। ଏ ସମ୍ପର୍କରେ ଶରଣକୁଳ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତଙ୍କୁ ପଚାରିବାରେ ବୋଲ ଗାଁର ଶୁଭଶ୍ରୀ ବେହେରାଙ୍କ ମୃତ୍ୟୁ ନେଇ ନଂ. ୧୨/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।


ଛାତ୍ରୀଙ୍କ ମୃତ୍ୟୁ ପରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା ପ୍ରକାଶ ପାଇଛି।

- ମୃତକଙ୍କୁ ରେଫର କରିବାକୁ ନେଇ ଉଠିଲା ସନ୍ଦେହ
- ଆମ୍ବୁ ଗାଡ଼ି ଆଣିବାକୁ ଡାକ୍ତର ଦେଇଥିଲେ ପରାମର୍ଶ
- ଖୋଜି ପାଇଲେନି ପରିବାର ଲୋକ
- ବ୍ୟବଚ୍ଛେଦ ନ କରି ନେଇଗଲେ ମୃତଦେହ

## ସଂକ୍ଷେପରେ

### କରୋନା ହଟାଅ ପୁସ୍ତକ ଉନ୍ମୋଚିତ

ଖଣ୍ଡପଡା, ୧।୧୧(ସ୍ୱ.ପ୍ର.): ଅବସରପ୍ରାପ୍ତ ଶିକ୍ଷକ ଗୋପୀନାଥ ପ୍ରଧାନଙ୍କ ଦ୍ୱାରା ଲିଖିତ 'କରୋନା ହଟାଅ' ପୁସ୍ତକ ସୋମବାର ଖଣ୍ଡପଡ଼ାଠାରେ ଉନ୍ମୋଚିତ ହୋଇଯାଇଛି। ସମଗ୍ର ବିଶ୍ୱ ମହାମାରୀ କରୋନାରେ କବଳିତ ହେଉଥିବା ବେଳେ ସାଧାରଣରେ ସଚେତନତା ସୃଷ୍ଟି ନିମନ୍ତେ ଏହି ପୁସ୍ତକଟି ପ୍ରକାଶ ପାଇଛି ବୋଲି ଲେଖକ ପ୍ରଧାନ ଏକ ସାକ୍ଷାତ୍କାରରେ ପ୍ରକାଶ କରିଛନ୍ତି। ନୟାଗଡ଼ ଜିଲାର ଭାପୁର ବ୍ଲକ ଅଧୀନ କେଶର ସିଂ ଗାଁର ଲେଖକ ପ୍ରଧାନ ଶିକ୍ଷକତା ଜୀବନରୁ ଅବସର ଗ୍ରହଣ କରିବା ପରେ ଉପାଦେୟ ପୁସ୍ତକ ପ୍ରକାଶନ ଓ କବିତା ସଂକଳନରେ ବ୍ରତୀ ରହିଛନ୍ତି। ଲେଖକ ପ୍ରଧାନଙ୍କ ଦ୍ୱାରା ପ୍ରକାଶିତ ୧୦ଟି ପୁସ୍ତକ ଜନସାଧାରଣଙ୍କ ଦ୍ୱାରା ଆଦୃତି ଲାଭ କରିଛି। ବିଭିନ୍ନ ଶିକ୍ଷାନୁଷ୍ଠାନ, ଅନୁଷ୍ଠାନ ବୁଲି ପ୍ରଧାନ ତାଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକଗୁଡିକୁ ବଣ୍ଟନ କରିଛନ୍ତି। କରୋନା ଭୟ ଦୂର କରିବା ପାଇଁ ପ୍ରୟାସ ଜାରି ରଖିଥିବା ଲେଖକ ପ୍ରଧାନଙ୍କୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି।



### ମନ୍ଦିର ମଧ୍ୟରୁ ସାପ ଉଦ୍ଧାର

ଖଣ୍ଡପଡା,୧।୧୧(ସ୍ୱ.ପ୍ର.): ଖଣ୍ଡପଡ଼ା ସହରର ଜେଲ ରୋଡରେ ଥିବା ବକୁଳ ମହାବୀର ମନ୍ଦିର ପରିସରରୁ ଏକ ୪ ଫୁଟ ଲମ୍ବର ଚନ୍ଦ୍ରବୋଡା ସାପକୁ ସ୍ଥାନୀୟ ବନ ବିଭାଗ କର୍ମଚାରୀମାନେ ସୋମବାର ସନ୍ଧ୍ୟା ୮ଟାରେ ଉଦ୍ଧାର କରିଛନ୍ତି। ସାପଟି ନିକଟରେ ଥିବା ବୁଦା ମଧ୍ୟରୁ ମନ୍ଦିର ପରିସରକୁ ଚାଲି ଆସିଥିବା ଅନୁମାନ କରାଯାଉଛି। ପ୍ରଥମେ ମନ୍ଦିରର ପୂଜକ ସାପଟିକୁ ଦେଖି ଜେଲ କର୍ମଚାରୀଙ୍କୁ ସୂଚନା ଦେଇଥିଲେ। ଜେଲ କର୍ମଚାରୀମାନଙ୍କଠାରୁ ଖବର ପାଇ ବନ ବିଭାଗ କର୍ମଚାରୀମାନେ ସେଠାରେ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ। ମଙ୍ଗଳବାର ସକାଳେ ସାପଟିକୁ ସଂରକ୍ଷିତ ଜଙ୍ଗଲରେ ଛାଡି ଦିଆଯିବ ବୋଲି ବନପାଳ ଶ୍ରୀନିବାସ ଦାଶ ସୂଚନା ଦେଇଛନ୍ତି ।

### ଗଞ୍ଜାମ ଜିଲାର ସବୁ ଥାନାରେ ଲାଗିବ ସିସିଟିଭି

ଛତ୍ରପୁର,୧।୧୧(ଡି.ଏନ୍.ଏ.): ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଗଞ୍ଜାମ ଜିଲାର ସମସ୍ତ ଥାନାରେ ସିସିଟିଭି ଲଗାଇବା ଉପରେ ରାଜସ୍ୱ କମିଶନର୍ (ଦକ୍ଷିଣାଞ୍ଚଳ) ଟି. ଆଓ ଗୁରୁତ୍ୱାରୋପ କରିଥିଲେ। ସୋମବାର ଗଞ୍ଜାମ ଜିଲାପାଳଙ୍କ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଗଞ୍ଜାମ ପୋଲିସ ଜିଲା ଅଧିନରେ ଥିବା ୨୩ଟି ଥାନା ଓ ବ୍ରହ୍ମପୁର ପୋଲିସ ଜିଲା ଅଧିନରେ ଥିବା ୧୪ଟି ଥାନାରେ ସିସିଟିଭି ଲଗାଇବା ପାଇଁ ରାଜସ୍ୱ କମିଶନର୍ କହିଥିଲେ । କେତେକ ଥାନାରେ ମାନବାଧିକାର କ୍ଷୁର୍ଣ୍ଣ ହେଉଥିବା ଅଭିଯୋଗ ଉଚ୍ଚତମ ନ୍ୟାୟାଳୟଙ୍କ ନଜରକୁ ଆସୁଛି । ତେଣୁ ଏପରି ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ। ବୈଠକରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ପିନାକୀ ମିଶ୍ର, ଜିଲା ପରିଷଦ ଅଧକ୍ଷା ସୋନମ ପଲେଇ ଓ ସମସ୍ତ ପଞ୍ଚାୟତ ସମିତିର ଅଧକ୍ଷ ଯୋଗ ଦେଇଥିଲେ ।

### କୃଷି ରଥ ଶୁଭାରମ୍ଭ

ଗଞ୍ଜାମ/ବେଗୁନିଆପଡ଼ା, ୧।୧୧ (ଡି.ଏନ.ଏ.): ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ସୋମବାର ଗଞ୍ଜାମ ବ୍ଲକ କୃଷି ରଥର ଶୁଭାରମ୍ଭ କରିଛନ୍ତି ।। ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ନାୟକ, ଜିଲା କୃଷି ଅଧିକାରୀ ବିଦୁର ସେଠ ମାଝୀ, ବ୍ଲକ କୃଷି ଅଧିକାରୀ ସୌମ୍ୟ ରଞ୍ଜନ ସାହୁ, ଅଜିତ କୁମାର ବରାଳ, ଗଞ୍ଜାମ ଏନ୍‌ଏସି ଯୁବ ସଭାପତି ସୁଧୀର କୁମାର ପାଢ଼ୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ଉପାଧକ୍ଷା ପ୍ରତିନିଧି ରଙ୍କନିଧି ପ୍ରଧାନ, ପୂର୍ବତନ ଏନ୍‌ଏସି ଉପାଧକ୍ଷ ନୀଳାଞ୍ଚଳ ବାରିକି ପ୍ରମୁଖ ଉପସ୍ଥିତ ଥିଲେ। ଏହି କୃଷି ରଥ ବ୍ଲକର ବିଭିନ୍ନ ପଞ୍ଚାୟତ ବୁଲି କୃଷି ସମ୍ବନ୍ଧରେ ଚାଷୀଙ୍କୁ ଅବଗତ କରାଇବ ବୋଲି ଏଗ୍ରିକଲଚର ଅଫିସ ପକ୍ଷରୁ କୁହାଯାଇଛି। ସେହିପରି ବେଗୁନିଆପଡ଼ା ବ୍ଲକରେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ କୃଷି ରଥ ଉଦ୍‌ଘାଟନ କରିଛନ୍ତି। ଏଥିସହ ଚଢେୟା ଚଢେୟାଣୀ ନାଚ ମାଧମରେ ମଧ ସଚେତନ କରାଯାଇଥିଲା। ବ୍ଲକ ଅଧକ୍ଷା ପ୍ରତିନିଧି ବିଜୟ କୁମାର ଦୋରା, ଜିଲା ପରିଷଦ ସଦସ୍ୟ ମନୋଜ କୁମାର ପାଣ୍ଡୀ, ପୂର୍ବତନ ଜିଲା ପରିଷଦ ସଦସ୍ୟ ତ୍ରିନାଥ ଭୂୟାଁ, ସହକାରୀ ଜିଲା କୃଷି ଅଧିକାରୀ ରାମ ଶଙ୍କର ରାଓ, ବ୍ଲକ କୃଷି ଅଧିକାରୀ ରାମଲାଲ ସମଦ ପ୍ରମୁଖ ଉପସ୍ଥିତ ଥିଲେ।

## ମୁଣ୍ଡମରାଇରେ କୋଠିଶାଳ ପର୍ବ ଉଦ୍‌ଯାପିତ

ଧରାକୋଟ,୧।୧୧(ଡି.ଏନ୍.ଏ.)

ଗଞ୍ଜାମ ଜିଲାର ବହୁ ପୁରାତନ କୋଠିଶାଳ ଯାତ୍ରା ମୁଣ୍ଡମରାଇରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ମୁଣ୍ଡମରାଇ ଗ୍ରାମବାସୀ ଓ ଯୁବଗୋଷ୍ଠୀ ଏବଂ କୋଠିଶାଳ ପୂଜା କମିଟିର ମିଳିତ ସହଯୋଗରେ ଏହି ପର୍ବ ଅନୁଷ୍ଠିତ ହୋଇଯାଇଛି। ଦଶହରାଠାରୁ ଆରମ୍ଭ ହୋଇଥିବା ପର୍ବ କାର୍ତ୍ତିକ ମାସ ସୋମବାର ଉଦ୍‌ଯାପନୀ ହୋଇଥିଲା। ଏଥିରେ ଯୋଗଦେଇ ପୁରାଣ ଶାସ୍ତ୍ର ଉପରେ ତର୍କକରି ଦର୍ଶକ ତଥା ଶ୍ରୋତାଙ୍କୁ ମନୋରଞ୍ଜନ ଯୋଗାଇବା ସହ ହଜିଯାଉଥିବା ଲୋକନୃତ୍ୟ ଏବଂ ପରମ୍ପରାର ଯାତ୍ରା ବଜାୟ ରଖିବା ନେଇ ଆଗ୍ରହ ଦେଖାଇବା ପାଇଁ ସହଯୋଗ କାମନା କରିଥିଲେ। ଉଦ୍‌ଯାପନୀ ପର୍ବରେ ପୂର୍ବତନ ସାନଖେମୁଣ୍ଡି ବିଧାୟିକା ନନ୍ଦିନୀ ଦେବୀ, ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ବ୍ଲକ ଅଧକ୍ଷା ରୀନା ଗୌଡ଼ ଯୋଗଦେଇଥିଲେ। ଏହାସହ ଧରାକୋଟ ଅଞ୍ଚଳର ତାଳପାଟଣା, ଘୋଡାପଲୀ, ପଳ ଉପଲୀ ସହ ବିଭିନ୍ନ ଗ୍ରାମରେ କୋଠିଶାଳ ପର୍ବ ବିଧିବିଧାନ ଅନୁଯାୟୀ ଶେଷ ହୋଇଛି।

## ସ୍ୱତନ୍ତ୍ର ନାଟ୍ୟ କର୍ମଶାଳା ଆୟୋଜିତ

ପାରଳାଖେମୁଣ୍ଡି,୧।୧୧(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ଅଗ୍ରଣୀ ନାଟ୍ୟ ସଙ୍ଗଠନ କ୍ରିଏଟିଭ ଆର୍ଟସ ଦ୍ୱାରା ସ୍ଥାନୀୟ କବିଚନ୍ଦ୍ର ସାହି ସ୍ଥିତ କବିଚନ୍ଦ୍ର ପାଠାଗାରଠାରେ ଏକ ସ୍ୱତନ୍ତ୍ର ନାଟ୍ୟ କାର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ବରିଷ୍ଠ ନାଟ୍ୟକାର ତଥା ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକ ଯୋଗ ଦେଇ ଓଡ଼ିଆ ନାଟକ ଇତିହାସରେ ପାରଳାର ଭୂମିକା, ଆଧୁନିକ ଓଡ଼ିଆ ନାଟକ, ଭାରତୀୟ ନାଟକ ଶୈଳୀ ଓ ବିଶ୍ୱର ବିଭିନ୍ନ ଦେଶର ନାଟକର ବିଷୟବସ୍ତୁକୁ ବୁଝାଇଥିଲେ। ସେହିପରି ଫ୍ରାନ୍ସ, ଇଟାଲୀ, ସୁଇଜରଲ୍ୟାଣ୍ଡ, ଫିନଲ୍ୟାଣ୍ଡ ଆଦି ଦେଶର କଳାକାର ଆଉ ଦର୍ଶକ ଓ ଆମ ଦେଶରେ କଳାକାର, ଦର୍ଶକଙ୍କ ମଧ୍ୟରେ କିପରି ପ୍ରଭେଦ ରହିଛି ଆଲୋଚାନା କରିଥଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଟ୍ୟକାର ତଥା ନିର୍ଦ୍ଦେଶକ ନାଟ୍ୟଶ୍ରୀ ଦେବେନ୍ଦ୍ର ଦାସ, କ୍ରିଏଟିଭ ଆର୍ଟସର ସଭାପତି ନୃସିଂହ ଚରଣ ପଟନାୟକ, ନିର୍ଦ୍ଦେଶକ ଅର୍ଜୁନ ନାୟକ, ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ରଘୁନାଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଦୁଇଟି ପର୍ଯ୍ୟାୟରେ ଆୟୋଜନ ହୋଇଥିଲା। ଉଭୟ ପର୍ଯ୍ୟାୟକୁ ଅନୁଷ୍ଠାନର ସମ୍ପାଦକ ମନୋଜ ପାଢ଼ୀ ସଂଯୋଜନା କରିଥିଲେ, କ୍ରିଏଟିଭ ଆର୍ଟସ ପକ୍ଷରୁ ନାଟ୍ୟକାର ସୁବୋଧଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ବ୍ଲକସ୍ତରୀୟ ମେଗା ସମନ୍ୱୟ ମେଳା

ବୁଗୁଡ଼ା,୧।୧୧(ଡି.ଏନ.ଏ.

ବୁଗୁଡ଼ା ବ୍ଲକ ମିଶନ ଶକ୍ତି ପକ୍ଷରୁ ସ୍ଥାନୀୟ ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ବ୍ଲକସ୍ତରୀୟ ମେଗା ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାରେ ବିଡିଏମ୍ ଗଙ୍ଗାଧର ମିଶ୍ର, ବିପିସି ସାନୁଜ ଜେନା, ସିଡିପିଓ ରଞ୍ଜିତା ତ୍ରିପାଠୀ, ଇଣ୍ଡିଆନ୍ ବ୍ୟାଙ୍କ ଶାଖା ପରିଚାଳକ ପବିତ୍ର କୁମାର ହୋତା, ଏକ୍ସିସ୍ ବ୍ୟାଙ୍କ୍ କ୍ଷେତ୍ରାଧିକାରୀ ସରୋଜ ଶୁଭକାନ୍ତ ସ୍ୱାଇଁ, ଅଞ୍ଚଳ ପରିଦର୍ଶିକା ନଳିନୀ ମହାରଣା ଓ ସରସ୍ୱତୀ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଏସ୍‌ଏଚଜି ମହିଳାମାନେ ବ୍ୟାଙ୍କରୁ ଋଣ ନେଇ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ବିଷୟରେ କୁହାଯାଇଥିଲା। ୯୧ଟି ଏସ୍‌ଏଚଜିକୁ ୧ କୋଟି ୮୪ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଥିଲା।

## ଆବାସ ଗୃହ ଶେଷ ନ ହେବାରୁ ଖାଉଟି ସାମଗ୍ରୀ ବନ୍ଦ

ଖଣ୍ଡପଡା, ୧।୧୧(ସ୍ୱ.ପ୍ର)

ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡା ପଞ୍ଚାୟତ ଜାକେଲା ଗାଁର ଜଳନ୍ଧର ପରିଡାଙ୍କ ପରିବାରବର୍ଗ ନିର୍ଦ୍ଧାରିତ ସମୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ନିର୍ମାଣ କାର୍ଯ୍ୟ ଶେଷ କରି ନ ପାରି ହଟହଟା ହେବାକୁ ପଡିଛି। ବ୍ଲକ ପ୍ରଶାସନର ନିର୍ଦ୍ଦେଶକ୍ରମେ ଜଳନ୍ଧରଙ୍କୁ ଗତ ୩ ମାସ ହେଲା ପଞ୍ଚାୟତ କର୍ତ୍ତୃପକ୍ଷ ଖାଉଟି ସାମଗ୍ରୀ ପ୍ରଦାନ କରୁ ନ ଥିବାରୁ ଏ ନେଇ ପରିବାରବର୍ଗ ଅସନ୍ତୋଷ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ୭ ମାସ ତଳେ ବ୍ଲକ ପ୍ରଶାସନ ପକ୍ଷରୁ ଜଳନ୍ଧରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଘରର ଛାତ ପତନ ପର୍ଯ୍ୟନ୍ତ କାର୍ଯ୍ୟ ଶେଷ ହୋଇଥିବା ବେଳେ ୨ଟି କିସ୍ତିର ପ୍ରଶାସନ ପକ୍ଷରୁ ତାଙ୍କୁ ଟଙ୍କା ପ୍ରଦାନ କରାଯାଇଛି। ଦିନ ମଜୁରିଆ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିବା ଜଳନ୍ଧର ୩ ମାସ ଧରି ରୋଗ ଯନ୍ତ୍ରଣା ଓ ଦାରିଦ୍ର୍ୟର କଷାଘାତର ଛଟପଟ ହେଉଛନ୍ତି। ଏଭଳି ସ୍ଥିତିରେ ଉକ୍ତ ପରିବାରବର୍ଗଙ୍କୁ ରାଶନ ସାମଗ୍ରୀରୁ ବଞ୍ଚିତ କରାଯାଇଛି। ତେବେ ପଞ୍ଚାୟତ କାର୍ଯ୍ୟନିର୍ବାହୀଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମ୍ପନ୍ନ କରାଗଲେ ୨୦ ହଜାର ଟଙ୍କା ବୋନସ୍ ମିଳିବାର ବ୍ୟବସ୍ଥା ରହିଥିବା ସରପଞ୍ଚ ସୂଚନା ଦେଇଥିଲେ। କାର୍ଯ୍ୟ ଶେଷ ହୋଇ ନ ଥିବାରୁ ବିଡିଓଙ୍କ ନିର୍ଦ୍ଦେଶକ୍ରମେ ତାଙ୍କର ରାଶନ ସାମଗ୍ରୀ ବନ୍ଦ କରାଯାଇଥିବା ସରପଞ୍ଚ ସୂଚନା ଦେଇଛନ୍ତି। ତେବେ ପ୍ରଶ୍ନ ଉଠେ ଜଳନ୍ଧରଙ୍କ ପରି ଆବାସ ଯୋଜନାର ବାସଗୃହ ନିର୍ମାଣ କରି ପାରି ନ ଥିବା ସମସ୍ତ ହିତାଧିକାରୀଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ନା କୌଣସି ଅଭିସନ୍ଧି ରଖି ପଞ୍ଚାୟତ କର୍ତ୍ତୃପକ୍ଷ ସମ୍ପୃକ୍ତ ହିତାଧିକାରୀଙ୍କୁ ଏପରି ହଇରାଣ କରୁଛନ୍ତି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


ଭଙ୍ଗା ଘରେ ସ୍ତ୍ରୀ ସହ ଜଳନ୍ଧର ପରିଡା।

## ସ୍କୁଲ ବନ୍ଦ ନ କରିବାକୁ ପିଲାଙ୍କ ନିବେଦନ

ଦଶପଲ୍ଲା, ୧।୧୧(ଡି.ଏନ.ଏ.)

ଦଶପଲ୍ଲା ବ୍ଲକ ଡିହଗାଁ ପଞ୍ଚାୟତ ଖଇରା ପଙ୍କାଳସାହିରେ ଥିବା ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ସଂଖ୍ୟା ୪୦ରୁ କମ୍ ଥିବା ଯୋଗୁ ସରକାରଙ୍କ ନିୟମ ଅନୁଯାୟୀ ଏହାକୁ ନିକଟସ୍ଥ ଗଡଡ ପଙ୍କାଳସାହି ବିଦ୍ୟାଳୟରେ ମିଶାଇ ଦିଆଯାଇଛି। କିନ୍ତୁ ଛୋଟ ଛୋଟ ପିଲାମାନେ ସବୁଦିନ ଏତେ ଦୂର ଚାଲିକି ଯିବା ସହଜ ନୁହେଁ ବୋଲି ସୋମବାର ସମସ୍ତ ଛାତ୍ରୀଛାତ୍ର, ଅଭିଭାବକମାନେ ଆସି ଦଶପଲ୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଉପରୋକ୍ତ ଦାବି କରିଥିଲେ। ଏ ସମ୍ପର୍କରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ବେହେରାଙ୍କୁ ପଚାରିବାରେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆମେ ଉକ୍ତ ବିଦ୍ୟାଳୟର ମିଶ୍ରଣ ପାଇଁ ପତ୍ର ବିନିମୟ କରିଛୁ। ଏବେ ଜିଲାପାଳ ଏବଂ ଶିକ୍ଷା ବିଭାଗ ଏହା ଉପରେ ବିଚାର କରି ପଦକ୍ଷେପ ନେଇପାରିବେ। ଗ୍ରାମବାସୀ ସେମାନଙ୍କ ଦାବିପତ୍ର ବିଇଓଙ୍କୁ ଦେବା ସହ ସରକାରଙ୍କୁ ଏହାର ପୁଣି ଥରେ ବିଚାର କରିବାକୁ ନିବେଦନ କରିଛନ୍ତି।

## ଓମ୍ ଶାନ୍ତି ସଙ୍ଗଠନରେ କଳହରୁ ଉତ୍ତେଜନା

ଖଣ୍ଡପଡା,୧।୧୧ (ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ନିର୍ମାଣାଧୀନ ଏକ ଆଧାତ୍ମିକ ଆଶ୍ରମକୁ ନେଇ ପ୍ରଜାପିତା ବ୍ରହ୍ମାକୁମାରୀମାନଙ୍କ ମଧ୍ୟରେ ସୋମବାର ପୂର୍ବାହ୍ନରେ କଳହରୁ ଉତ୍ତେଜନାର ସୂତ୍ରପାତ ହୋଇଥିବା ଜଣାପଡିଛି। ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଦ୍ୟାଳୟ ପାଠଶାଳାରେ ବିଭିନ୍ନ ସମୟରେ ଉତ୍ସବମାନ କରାଯାଇ ସମାଜରେ ସୁଧାର ଆଣିବାକୁ ଅନ୍ୟମାନଙ୍କୁ ବିଭିନ୍ନ ଉପଦେଶ, ପରାମର୍ଶ ଦିଆଯାଏ। ଏହି ଘଟଣାକୁ ନେଇ ଓମ୍ ଶାନ୍ତିରେ ଅଶାନ୍ତି ବୋଲି ସାଧାରଣରେ ଆଲୋଚନା ଜୋର ଧରିଛି। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ କଣ୍ଟିଲୋ ଭରତ ସାମନ୍ତରାୟ ପୋଖରୀ ନିକଟରେ ଏକ ଆଧାତ୍ମିକ ଆଶ୍ରମ ନିର୍ମାଣ ନିମନ୍ତେ ମୌଜା ବଡ଼ବାଣପୁର, ଖାତା ନଂ. ୫୨୯/୨୧୨, ପ୍ଲଟ ନଂ.୨୩୮୫, କିସମ- ଘରବାରି ଏ ୦.୩୬୦ ଡେସିମିଲ ଜାଗା କ୍ରୟ କରାଯାଇ ଏହାର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏହି ନିର୍ମାଣସ୍ଥଳ ପାଇଁ ମାର୍ଫତ ଭାବେ ବି.କେ. ଜ୍ୟୋସ୍ନାଙ୍କ ନାମ ରହିଛି। ଅଭିଯୋଗକ୍ରମେ ଉକ୍ତ ସ୍ଥାନରେ ପ୍ରଥମ ପର୍ଯ୍ୟାୟରେ ଏକ ଅସ୍ଥାୟୀ ଆଜ୍‌ବେଷ୍ଟସ ଗୃହ ନିର୍ମାଣ ପାଇଁ ଆବଶ୍ୟକ ସାମଗ୍ରୀମାନ ମହଜୁଦ କରାଯାଇ କାମ ଚାଲୁ ରହିଛି। ତେବେ ଏହି କାର୍ଯ୍ୟରେ ବାଧା ସୃଷ୍ଟି କରିବା ଲକ୍ଷ୍ୟରେ ପ୍ରଜାପିତା ବ୍ରହ୍ମାକୁମାରୀ ସଂସ୍ଥାର ଅନ୍ୟ ଏକ ଗୋଷ୍ଠୀର ମହିଳାମାନେ ରବିବାର ଅସ୍ଥାୟୀ ଗୃହର ତାଲା ଭାଙ୍ଗି ରୋଷେଇ କରୁଥିବା କଣ୍ଟିଲୋ ଫାଣ୍ଡିରେ ଅଭିଯୋଗ ହୋଇଛି। ସମ୍ପୃକ୍ତ ସ୍ଥାନକୁ ବି.କେ. ଜ୍ୟୋସ୍ନା ଯାଇ ଏ ସମ୍ପର୍କରେ ପଚାରିବାରେ ଅନ୍ୟ ଗୋଷ୍ଠୀର ବ୍ରହ୍ମାକୁମାରୀ ମହିଳାମାନେ ତାଙ୍କୁ ଗାଳିଗୁଲଜ କରିବା, ଧକ୍କା ମାରିବା ସହ ଗଣ୍ଡଗୋଳ କରିଥିବା ଅଭିଯୋଗ ହୋଇଛି। ଅପର ଗୋଷ୍ଠୀର ସଦସ୍ୟା ବି.କେ. ମୀରା ମଧ ବି.କେ. ଜ୍ୟୋସ୍ନା ଏବଂ ତାଙ୍କ ସହଯୋଗୀମାନଙ୍କ ବିରୋଧରେ କଳହ ସୃଷ୍ଟି କରିଥିବା ପାଲଟା ଅଭିଯୋଗ କରିଥିବା ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ କୁମାର ଦେଓଙ୍କଠାରୁ ସୂଚନା ମିଳିଛି। ତେବେ ଉଭୟ ଗୋଷ୍ଠୀର ଭଉଣୀମାନେ ଭଦ୍ରଲୋକଙ୍କ ସହଯୋଗରେ ଆପୋସ ସମାଧାନ କରିବାକୁ ଫାଣ୍ଡି ଅଧିକାରୀ ଦେଓ ସେମାନଙ୍କୁ ପରାମର୍ଶ ଦେଇଥିବା ଜଣାପଡିଛି। ସୂଚନାଯୋଗ୍ୟ, କିଛି ମାସ ପୂର୍ବରୁ କୌଣସି ଏକ କଳହ ଘଟଣାକୁ ନେଇ ଅଗଷ୍ଟ ୨୯ରେ ଏକ ଆପୋସ ବୁଝାମଣା ଚୁକ୍ତିପତ୍ର ସମ୍ପାଦନ ହୋଇଥିଲା।

## ପେଟ୍ରୋଲ, ଡିଜେଲ ଉପରୁ ରାଜ୍ୟ ଟିକସ ଉଚ୍ଛେଦ କରୁ

ନୟାଗଡ଼ ଅଫିସ,୧।୧୧

ଆନ୍ଦୋଳନ ନୁହେଁ ପେଟ୍ରୋଲ ଡିଜେଲ ଉପରୁ ରାଜ୍ୟ ସରାକର ଭାଟ ଟିକସ ଉଚ୍ଛେଦ କରୁ ବୋଲି ନୟାଗଡ଼ କଂଗ୍ରେସ ପକ୍ଷରୁ ସୋମବାର ଦାବି କରାଯାଇଛି। ଏ ନେଇ ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ ପ୍ରେସ୍ ବିବୃତିରେ କହିଛନ୍ତି। ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ସହ ନିତ୍ୟ ବ୍ୟବହୃତ ସାମଗ୍ରୀର ଅହେତୁକ ଦରବୃଦ୍ଧି ପାଇଁ ସତରେ ଯଦି ରାଜ୍ୟର ଶାସକ ବିଜେଡିର ସାଢେ ୪ କୋଟି ଓଡ଼ିଆଙ୍କ ପାଇଁ ହୃଦୟ କାନ୍ଦି ଉଠୁଛି ତେବେ ନୟାଗଡ଼ରେ ପେଟ୍ରୋଲ ୧୧୦, ଡିଜେଲ ୧୦୭ ଟଙ୍କା ହେଲା ଯାଏ ବିଜେଡି କ'ଣ ପାଇଁ ନୀରବ ରହିଥିଲା। ପ୍ରଥମେ ବିଜେଡି ପରୁ ଏହାକୁ ସ୍ପଷ୍ଟ କରାଯାଉ। ଅନ୍ୟପକ୍ଷେ ପେଟ୍ରୋଲ ଓ ଡିଜେଲ ଉପରେ ରାଜ୍ୟ ଓ କେନ୍ଦ୍ର ସରକାର ଭାଟ ବାବଦ ୬୦ ଟଙ୍କା ପାଖାପାଖି ଟ୍ୟାକ୍ସ ନେଉଛନ୍ତି। ଜନସାଧାରଣଙ୍କ ଅନିଚ୍ଛା ସତ୍ତ୍ୱେ ଉଭୟ ସରକାର ଜବରଦସ୍ତ ଲୁଟି ଚାଲିଛନ୍ତି। ଏଣୁ ବିଜେଡି ଦଳର ଆନ୍ଦୋଳନ ଲୋକଦେଖାଣିଆ ଭାବେ କେବଳ ପ୍ରହସନ କରାଯାଉଛି ବୋଲି କଂଗ୍ରେସ ପ୍ରତିକ୍ରିୟାରେ କହିଛି। ବିଧାୟକଙ୍କ ଚାପରେ ସିଡିପିଓ, ସୁପରଭାଇଜରମାନେ ଅଙ୍ଗନୱାଡି କର୍ମୀ, ସହାୟିକାମାନଙ୍କୁ ସୋମବାର ଦଳୀୟ ବିକ୍ଷୋଭ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବାକୁ କୁହାଯାଇଥିଲା ବୋଲି କଂଗ୍ରେସ ଅଭିଯୋଗ କରାଯାଇଛି। ଜିଲାପାଳ ଭିଡିଓ ଚିତ୍ର ଦେଖି ଆମ ଅଭିଯୋଗର ସତ୍ୟାସତ୍ୟ ଅନୁଧ୍ୟାନ କରନ୍ତୁ ବୋଲି ଜିଲା ସଭାପତି ଦାଶ ଅନୁରୋଧ କରିଛନ୍ତି।

## ରାଜପଥରେ କାର୍‌କୁ ଦୁର୍ବୃତ୍ତଙ୍କ ଟେକାମାଡ଼

ଦାରିଙ୍ଗବାଡ଼ି,୧।୧୧(ଡି.ଏନ.ଏ)

ଦାରିଙ୍ଗବାଡ଼ି ଥାନା ଜାତୀୟ ରାଜପଥର ଗୁଡ଼ିବାଲି ଛକଠାରେ ଦୁର୍ବୃତ୍ତମାନେ ଏକ କାର ଉପରକୁ ଟେକାମାଡ଼ କରିଛନ୍ତି। ରବିବାର ବିଳମ୍ବିତ ରାତିରେ କ.ନୂଆଗାଁ ଅଞ୍ଚଳରୁ ଏକ କାର୍ ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ହଠାତ ଗୁଡ଼ିବାଲି ଛକରେ ଉକ୍ତ କାରକୁ ଦୁର୍ବୃତ୍ତମାନେ ଟେକାମାଡ଼ କରିଥିଲେ। ଫଳରେ ଚାଳକ ଭୟଭିତ ହୋଇପଡ଼ିବାରୁ ଗାଡ଼ିଟି ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଥିଲା। ଶବ୍ଦ ଶୁଣି ସେଠାରୁ ଦୁର୍ବୃତ୍ତମାନେ ଦୌଡ଼ି ପଳାଇଥିଲେ।

ଏହି ସମୟରେ ଭୁବନେଶ୍ୱର ପଟୁ ଏକ କାର ଆସି ଅଟକି ସେମାନଙ୍କ ଅବସ୍ଥା ପଚାରି ବୁଝିଥିଲେ। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଦାରିଙ୍ଗବାଡ଼ି ଆଇଆଇସି କୌଶିକ ମାଝୀ କହିଛନ୍ତି। ସୂଚନାଯୋଗ୍ୟ, ୨ ବର୍ଷ ତଳେ ମଧ ଏଭଳି ଏକ ବରଯାତ୍ରୀ ଗାଡ଼ିକୁ ଦୁର୍ବୃତ୍ତମାନେ ଟାର୍ଗେଟ କରି ଟେକାମାଡ଼ କରିଥିଲେ। ତେବେ ଶୀଘ୍ର ପୋଲିସ ଦୁର୍ବୃତ୍ତମାନଙ୍କୁ ଖୋଜି ବାହାର କରିବା ପାଇଁ ସାଧାରଣରେ ଦାବି ହୋଇଛି । ନ ହେଲେ ପର୍ଯ୍ୟଟକ ଦାରିଙ୍ଗବାଡ଼ି ଆସିବାକୁ ଭୟ କରିବେ ବୋଲି ମତପ୍ରକାଶ ପାଇଛି ।



## କାର୍ଯ୍ୟ ଦିବସରେ ଆର୍‌ଡି କାର୍ଯ୍ୟାଳୟରେ ତାଲା

ନୂଆଗାଁ,୧।୧୧ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ଥିବା ଆରଡି କାର୍ଯ୍ୟାଳୟକୁ ଅନେକ ସମୟରେ କର୍ମଚାରୀ ଓ ଅଧିକାରୀ ଆସୁ ନାହାନ୍ତି। ଫଳରେ ସୋମବାର କାର୍ଯ୍ୟ ଦିବସରେ ମଧ୍ୟ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ଅଭିଯୋଗ ହେଉଛି।

ନୂଆଗାଁ ବ୍ଲକର ୨୨ ପଞ୍ଚାୟତର ରାସ୍ତା, ଗୃହ ଆଦି ନିର୍ମାଣ କରିବା ସହ ତାହାର ତଦାରଖ ଦାୟିତ୍ୱ ଗ୍ରାମ୍ୟ ଉନ୍ନୟନ (ଆରଡି) ବିଭାଗକୁ ଦିଆଯାଇଛି। ଅନେକ କାର୍ଯ୍ୟ ଟେଣ୍ଡର ମାଧ୍ୟମରେ ଠିକାଦାର କରୁଛନ୍ତି। ତାହାର ତଦାରଖ କରିବାକୁ ବ୍ଲକରେ ଆରଡି କାର୍ଯ୍ୟାଳୟ ରହିଛି। କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେବାର ୪ ବର୍ଷ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ଫଳକ ଲଗାଯାଇନାହିଁ। ଫଳରେ ନୂଆଗାଁ ବ୍ଲକରେ ଆରଡି କାର୍ଯ୍ୟାଳୟ ଥିବା ବିଷୟରେ ଅନେକ ଜାଣି ପାରୁ ନାହାନ୍ତି। ସେହି କାର୍ଯ୍ୟାଳୟରେ ଜଣେ ଏସ୍‌ଡିଓ, ଦୁଇଜଣ କନିଷ୍ଠ ଯନ୍ତ୍ରୀ, ଜଣେ କିରାଣି, ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ରହିବାର ବ୍ୟବସ୍ଥା ରହଛି। ସେମାନଙ୍କ ରହିବାକୁ କ୍ୱାର୍ଟର୍ସ ମଧ୍ୟ ନିର୍ମାଣ କରାଯାଇଛି। କିନ୍ତୁ କ୍ୱାର୍ଟର୍ସରେ କୌଣସି କର୍ମଚାରୀ କିମ୍ବା ଅଧିକାରୀ ରହୁନାହାନ୍ତି। ଏପରି କି ଅନେକ କାର୍ଯ୍ୟ ଦିବସରେ ମଧ୍ୟ କୌଣସି କର୍ମଚାରୀ ନ ଆସିବା ଯୋଗୁ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। କାର୍ଯ୍ୟାଳୟ ସମ୍ମୁଖରେ ଫଳକ ନ ଲାଗିବାରୁ ଅନୁପସ୍ଥିତ ରହିବାରେ ଅଧିକାରୀ ଓ କର୍ମଚାରୀମାନଙ୍କୁ ଏହା ସୁହାଉଛି। ନୂଆଗାଁ ବ୍ଲକର ମହିତମା ଛକଠାରୁ ସିକ୍ରିଡା ରାସ୍ତା, ସମ୍ପଡାଠାରୁ କୋଷାକଟା ରାସ୍ତା ନିର୍ମାଣ ହେବାର ମାତ୍ର କିଛି ମାସ ପରେ ରାସ୍ତା ଦୟନୀୟ ହୋଇପଡିଛି। ସେଥିପ୍ରତି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ। ତେବେ ଏ ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିବାକୁ କାର୍ଯ୍ୟାଳୟ ବାରମ୍ବାର ଆସିଥିବା ବେଳେ କାହାରିକୁ ନ ପାଇ ନିରାଶ ହୋଇ ଫେରୁଥିବା ଅଭିଯୋଗ କରିଛନ୍ତି। ରାସ୍ତା ନିର୍ମାଣ କରିଥିବା ଠିକା ସଂସ୍ଥା ୫ ବର୍ଷ ପର୍ଯ୍ୟନ୍ତ ଉକ୍ତ ରାସ୍ତାର ରକ୍ଷଣାବେକ୍ଷଣା କରିବା ନିୟମ ରହିଥିବା ବେଳେ ତାହା କରାଯାଉନାହିଁ। ଏ ସମ୍ପର୍କରେ ନୂଆଗାଁ ଏସ୍‌ଡିଓ ତ୍ରିଲୋଚନ ପଣ୍ଡାଙ୍କୁ ପଚାରିବାରେ ପିଅନ ସୋମବାର ଛୁଟିରେ ରହିଛନ୍ତି। କନିଷ୍ଠ ଯନ୍ତ୍ରୀ ନୂଆ କରି ଯୋଗ ଦେଇଥିବାବେଳେ ନିଜେ ଅଫିସ କାର୍ଯ୍ୟରେ ଡିଭିଜନ ଅଫିସକୁ ଯାଇଥିବା କହିଛନ୍ତି। ଏ ସଂକ୍ରାନ୍ତରେ ନୟାଗଡ଼ ଜିଲା ନିର୍ବାହୀ ଯନ୍ତ୍ରୀ ଅମରେଶ ନାୟକଙ୍କୁ ପଚାରିବାରେ ଅଭିଯୋଗକୁ ସ୍ୱୀକାର କରିଛନ୍ତି। ଏପରି ଅଭିଯୋଗ ଅନେକବାର ଆସିଛି। ଅନୁପସ୍ଥିତ ରହୁଥିବା ନେଇ ଏସ୍‌ଡିଓଙ୍କୁ ବାରମ୍ବାର ତାଗିଦ୍ କରାଯାଇଛି। ପୁଣି ତାଗିଦ୍ କରିବି ବୋଲି ସେ କହିଛନ୍ତି।

ଫଳକ ନାହିଁ : ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ


ଆରଡି କାର୍ଯ୍ୟାଳୟରେ ସୋମବାର ତାଲା ଝୁଲୁଛି।

